# NATIONAL NEWS BULLETIN (ODIA)
## 10 September - 2025
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚଦଶତମ ଉପରାଷ୍ଟ୍ରପତି ହେବେ ସି.ପି. ରାଧାକ୍ରିଷ୍ଣନ୍ ।
- ଗଣତାନ୍ତ୍ରିକ ପ୍ରକ୍ରିୟାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶର ବିକାଶ ଦିଗରେ ସେ ସର୍ବଦା ପ୍ରୟାସ କରିବେ ବୋଲି ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କ ମତବ୍ୟକ୍ତ ।
- ନେପାଳର ସଦ୍ୟତମ ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।

– ସେଠାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ଦେଲେ ଆହ୍ୱାନ ।

- ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ କାରବାର ସମ୍ପର୍କିତ ପ୍ରତିବନ୍ଧକକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ, କହିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ।

ଏବଂ

- ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗତକାଲି ଉଦ୍‌ଘାଟନୀ ମ୍ୟାଚ୍‌ରେ ହଂକଂକୁ ୯୪ରନ୍‌ରେ ପରାସ୍ତ କଲା ଆଫ୍‌ଗାନିସ୍ତାନ ।

– ଆଜି ଭାରତ ଭେଟିବ ସଂଯୁକ୍ତ ଆରବ ଏମିରେଟସ୍‌କୁ ।

# ଉପରାଷ୍ଟ୍ରପତି-ନିର୍ବାଚନ

ଏନ୍.ଡି.ଏ. ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଦେଶର ପଞ୍ଚଦଶତମ ଉପରାଷ୍ଟ୍ରପତି ହେବେ । ଶ୍ରୀ ରାଧାକ୍ରିଷ୍ଣନ୍ ଇଣ୍ଡି ମେଣ୍ଟର ପ୍ରାର୍ଥୀ ତଥା ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ଟି ଭୋଟ୍‌ରେ ପରାସ୍ତ କରିଛନ୍ତି । ଉପରାଷ୍ଟ୍ରପତି ନିର୍ବାଚନର ରିଟର୍ଣ୍ଣିଂ ଅଧିକାରୀ ତଥା ରାଜ୍ୟସଭାର ସେକ୍ରେଟେରୀ ଜେନେରାଲ୍ ପି.ସି. ମୋଦୀ ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଉଭୟ ଲୋକସଭା ଓ ରାଜ୍ୟସଭାରେ ବର୍ତ୍ତମାନ ସାଂସଦ ଥିବା ମୋଟ୍ ୭୮୧ ଜଣଙ୍କ ମଧ୍ୟରୁ ୭୬୭ ଜଣ ସାଂସଦ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳେ ୧୫ଟି ଭୋଟ୍ ନାକଚ୍ ହୋଇଯାଇଛି ।

ଉପରାଷ୍ଟ୍ରପତି ପଦବୀ ଲାଗି ନିର୍ବାଚନ ସମ୍ପୂର୍ଣ୍ଣ ରୂପେ ମୁକ୍ତ, ଅବାଧ ଏବଂ ନିୟମ ଅନୁଯାୟୀ ସମ୍ପନ୍ନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଗତକାଲି ପୂର୍ବାହ୍ନ ୧୦ଟାରୁ ଏଥିଲାଗି ଭୋଟ୍ ଗ୍ରହଣ କରାଯାଇଥିଲା । ଅପରାହ୍ଣ ୫ଟା ପର୍ଯ୍ୟନ୍ତ ହୋଇଥିବା ମତଦାନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ । ପରେ ବହୁ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ ତଥା ଅନ୍ୟାନ୍ୟ ସାଂସଦମାନେ ମଧ୍ୟ ଏଥିଲାଗି ଭୋଟ ଦେଇଥିଲେ ।

# ଉପରାଷ୍ଟ୍ରପତି-ଅଭିନନ୍ଦନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଦଶନ୍ଧି ଦଶନ୍ଧି ଧରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିଜର ଅଭିଜ୍ଞତା ଆଗାମୀ ଦିନରେ ଦେଶର ସଂସଦୀୟ ତଥା ସାମ୍ବିଧାନିକ ମୂଲ୍ୟବୋଧକୁ ସଶକ୍ତ କରିବା ସହିତ ବିକାଶ ଦିଗରେ ମଧ୍ୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଶ୍ରୀ ରାଧାକ୍ରିଷ୍ଣନଙ୍କ ଜୀବନ ସର୍ବଦା ସମାଜସେବା ଏବଂ ଗରିବ ଓ ବଞ୍ଚିତଙ୍କ ସଶକ୍ତିକରଣ ଲାଗି ସମର୍ପିତ ରହିଛି । ସେ ଜଣେ ଅସାଧାରଣ ଉପରାଷ୍ଟ୍ରପତି ହେବେ ଯିଏକି ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ମଜବୁତ କରିବା ସହିତ ସଂସଦୀୟ ବିତର୍କକୁ ସୁଦୃଢ଼ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଏତଦ୍‌ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ବହୁ କେନ୍ଦ୍ର ମନ୍ତ୍ରୀ ତଥା ବିଭିନ୍ନ ଦଳର ନେତୃବୃନ୍ଦ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ରାଧାକ୍ରିଷ୍ଣନ୍

ସି.ପି. ରାଧାକ୍ରିଷ୍ଣନ୍ ଏହି ବିଜୟ ପରେ ପ୍ରଥମଥର ଲାଗି ନିଜର ପ୍ରତିକ୍ରିୟା ଦେଇ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଲାଗି ହୋଇଥିବା ନିର୍ବାଚନରେ ତାଙ୍କର ସଫଳତାକୁ ଜାତୀୟତାବାଦୀ ଆଦର୍ଶର ବିଜୟ ଭାବେ ବର୍ଣ୍ଣନା କରିଛନ୍ତି । ଏହି ବିଜୟକୁ ପ୍ରତ୍ୟେକ ଭାରତୀୟଙ୍କ ବିଜୟ ଭାବେ ବର୍ଣ୍ଣନା କରିବା ସହ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ଦିଗରେ କାର୍ଯ୍ୟ କରିବେ ବୋଲି ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ଏବଂ ଏ ଦିଗରେ ମିଳିତ ପ୍ରୟାସ ଜାରି ରଖିବାକୁ ଦେଶବାସୀଙ୍କୁ ଶ୍ରୀ ରାଧାକ୍ରିଷ୍ଣନ୍ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଉଭୟ ଶାସକ ଏବଂ ବିରୋଧି ଦଳଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗୋଟିଏ କଏନ୍‌ର ସେମାନେ ଦୁଇଟି ପାର୍ଶ୍ୱ ସଦୃଶ । ତେଣୁ ତାଙ୍କ ନୂତନ ପଦବୀର କ୍ଷମତା ଅନୁଯାୟୀ ଗଣତାନ୍ତ୍ରିକ ପ୍ରକ୍ରିୟାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶର ବିକାଶ ଦିଗରେ ସେ ସର୍ବଦା ପ୍ରୟାସ କରିବେ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, ସ୍ୱାସ୍ଥ୍ୟଗତ କାରଣ ଦୃଷ୍ଟିରୁ ଗତ ଜୁଲାଇ ମାସ ୨୧ ତାରିଖ ଦିନ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦବୀରୁ ଇସ୍ତଫା ଦେବା ପରେ ତାମିଲନାଡୁର ଏହି ୬୭ ବର୍ଷ ବୟସ୍କ ନିର୍ବିବାଦୀୟ ନେତା ଶ୍ରୀ ରାଧାକ୍ରିଷ୍ଣନ ଏହି ପଦବୀ ଲାଗି ନିର୍ବାଚିତ ହୋଇଛନ୍ତି ।

# ପିଏମ୍ ମୋଦୀ-ନେପାଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ସଦ୍ୟତମ ସ୍ଥିତି ସମ୍ପର୍କରେ ଗତକାଲି କେନ୍ଦ୍ର କ୍ୟାବିନେଟ୍‌ର ସୁରକ୍ଷା କମିଟି ବୈଠକରେ ସମୀକ୍ଷା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ନେପାଳରେ ହେଉଥିବା ହିଂସା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ । ସେଠାରେ ଯୁବବର୍ଗଙ୍କର ଜୀବନହାନୀ ହେବା ଘଟଣାକୁ ଦୁଃଖଦାୟକ ବୋଲି ଅଭିହିତ କରିବା ସହିତ ନେପାଳର ସମୃଦ୍ଧି ଲାଗି ସ୍ଥିରତା ଓ ଶାନ୍ତି ବଜାୟ ରଖିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

# ଟ୍ରମ୍ପ୍-ଇଣ୍ଡିଆ

ଆମେରିକା ଓ ଭାରତ ମଧ୍ୟରେ ବାଣିଜ୍ୟ କାରବାର ସମ୍ପର୍କିତ ପ୍ରତିବନ୍ଧକକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍‌ରେ ପୋଷ୍ଟ କରି ଶ୍ରୀ ଟ୍ରମ୍ପ୍ କହିଛନ୍ତି, ତାଙ୍କର ଉତ୍ତମ ବନ୍ଧୁ ତଥା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଗାମୀ ଦିନରେ ଏ ସମ୍ପର୍କରେ ଆଲୋଚନା କରିବାକୁ ସେ ଆଗ୍ରହୀ ।

ଏହି ଦୁଇ ମହାନ ଦେଶ ମଧ୍ୟରେ କୌଣସି ଅସୁବିଧା ଦେଖାଦେବ ନାହିଁ ବରଂ ଏକ ସଫଳ ନିଷ୍ପତ୍ତି ନିଆଯାଇପାରିବ ବୋଲି ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି । ଭାରତୀୟ ଉତ୍ପାଦ ଉପରେ ଆମେରିକା ପକ୍ଷରୁ ୫୦ ପ୍ରତିଶତ ଶୁଳ୍କ ଲଗାଯିବାର  କେତେ ଦିନ ପରେ ରାଷ୍ଟ୍ରପତି ଶ୍ରୀ

ଟ୍ରମ୍ପ୍‌ଙ୍କ ପକ୍ଷରୁ ଏହି ଘୋଷଣା କରାଯାଇଛି । ପୂର୍ବରୁ ଶ୍ରୀ ଟ୍ରମ୍ପ୍ ଭାରତ-ଆମେରିକା ସମ୍ପର୍କକୁ ଏକ ସ୍ୱତନ୍ତ୍ର ସମ୍ପର୍କ ରୂପେ ଅଭିହିତ କରିବା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ସର୍ବଦା ଜଣେ ଉତ୍ତମ ବନ୍ଧୁ ହୋଇ ରହିବେ ଏବଂ ଏ ଦିଗରେ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତବ୍ୟ ଦେଇଥିଲେ । ଶ୍ରୀ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତ ଆମେରିକା ସମ୍ପର୍କକୁ ଆଗାମୀ ଦିନରେ ଏକ ସମନ୍ୱିତ ଓ ବୈଶ୍ୱିକ ରଣନୈତିକ ଭାଗିଦାରୀରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଜିତେନ୍ଦ୍ର ସିଂହ-ପେନସନ୍ ଅଦାଲତ

ଚତୁର୍ଦ୍ଦଶ ଜାତୀୟ ପେନ୍‌ସନ୍ ଅଦାଲତ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ । କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏଥିରେ ଅଧ୍ୟକ୍ଷତା କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୨୧ଟି ବିଭାଗ ଓ ମନ୍ତ୍ରଣାଳୟର ପାରିବାରିକ ପେନ୍‌ସନ୍ ସମ୍ପର୍କିତ ମୋଟ୍ ୮୯୪ଟି ଅଭିଯୋଗ ଉପରେ ଆଜି ଅଦାଲତରେ ଶୁଣାଣି କରାଯିବ । ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ କରାଯାଇ ପେନ୍‌ସନ୍‌ଭୋଗୀଙ୍କର ଆର୍ଥିକ ସ୍ଥିତିକୁ କିଭଳି ସୁରକ୍ଷିତ ରଖାଯିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରଣାଳୟ ସୁନିଶ୍ଚିତ କରିଛି ।

## ପ୍ରହଲାଦ ଯୋଶୀ

କେନ୍ଦ୍ର ମନ୍ତ୍ରୀ ପ୍ରହଲାଦ ଯୋଶୀ ଆଜି ନୂଆଦିଲ୍ଲୀ ଠାରେ ଏକ ଅତ୍ୟାଧୁନିକ ବୈଦ୍ୟୁତିକ ଯାନ ପରୀକ୍ଷଣ ସୁବିଧା କେନ୍ଦ୍ରକୁ ଉଦ୍‌ଘାଟନ କରିବେ । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବିଶେଷ କରି ଦେଶର ପୂର୍ବାଞ୍ଚଳରେ ଥିବା ବୈଦ୍ୟୁତିକ ଯାନ ବ୍ୟାଟେରୀ ନିର୍ମାଣକାରୀଙ୍କୁ ଏହି ସୁବିଧା ଉପଲବ୍ଧ ହେବ । ଏହି କେନ୍ଦ୍ର ମାଧ୍ୟମରେ ବିଶ୍ୱସ୍ତ ତଥା ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ପରୀକ୍ଷଣ ଓ ପ୍ରମାଣପତ୍ର, ଉତ୍ପାଦର ସୁରକ୍ଷା ଏବଂ ଉତ୍ତମ କାର୍ଯ୍ୟଶୈଳୀ ଉପରେ ଗୁରୁତ୍ୱ ଦିଆଯିବ । ଦେଶରେ ଏକ ସଶକ୍ତ ବୈଦ୍ୟୁତିକ ଯାନ ଚଳାଚଳ ବ୍ୟବସ୍ଥା, ଆମଦାନୀ ଉପରେ ନିର୍ଭରତା ହ୍ରାସ, ଘରୋଇ ଉତ୍ପାଦନକାରୀଙ୍କୁ ଅଧିକ ସୁଦୃଢ଼ କରିବା ସହିତ ସୁଲଭ ଦରରେ ପରୀକ୍ଷଣ ସେବା ଯୋଗାଇଦେବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଏହି କେନ୍ଦ୍ର ମାଧ୍ୟମରେ ପ୍ରତିଫଳିତ ହେଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ଇସ୍ରାଏଲ୍

ଦୋହା ଉପରେ ଇସ୍ରାଏଲ୍‌ର ଆକ୍ରମଣ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ଏଥିରୁ ବିରତ ରହିବା ସହିତ କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ସମାଧାନ ଲାଗି ଭାରତ ପ୍ରସ୍ତାବ ଦେଇଛି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦେଇ ସମ୍ପୃକ୍ତ ଅଞ୍ଚଳର ସୁରକ୍ଷା ଏବଂ ବିକାଶକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି ।

## କ୍ରିକେଟ୍

ଆବୁଧାବିରେ ଚାଲିଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତଦଶ ସଂସ୍କରଣର ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ’ ହଂକଂକୁ ୯୪ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ଆଫ୍‌ଗାନିସ୍ତାନ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୮୮ରନ୍ କରିଥିଲା । ଦଳ ପକ୍ଷରୁ ସେଦିକୁଲ୍ଲା ଅଟଲ ସର୍ବାଧବକ ୭୩ରନ୍ କରିଥିବା ବେଳେ ଆଜ୍‌ମାଦୁଲ୍ଲା ଓମାର୍‌ଜାଇ ମାତ୍ର ୨୦ଟି ବଲ୍‌ରୁ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । କୌଣସି ଆଫ୍‌ଗାନିସ୍ତାନ ଖେଳାଳିଙ୍କ ଦ୍ୱାରା ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ଏହା ହେଉଛି ଦ୍ରୁତତମ ଅର୍ଦ୍ଧଶତକ ହାସଲ ।

୧୮୯ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ମାତ୍ର ୯୪ରନ୍ କରିବାରେ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ବାବର୍ ହେୟାଥ୍ ସର୍ବାଧିକ ୩୯ରନ୍ କରିଛନ୍ତି । ଗ୍ରୁପ୍-ବିରେ ଏହି ମ୍ୟାଚ୍ ସହିତ ଗତକାଲି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଗ୍ରୁପ୍-ବିରେ ଏହି ଦୁଇଟି ଦଳ ବ୍ୟତୀତ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟ ସ୍ଥାନ ପାଇଛନ୍ତି ।

ଆଜି ଗ୍ରୁପ୍-ଏର ଏକ ଖେଳରେ ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଆୟୋଜକ ସଂଯୁକ୍ତ ଆରବ ଏମିରେଟସ୍ ସହିତ ମ୍ୟାଚ୍ ଖେଳି ନିଜର ଅଭିଯାନ ଆରମ୍ଭ କରିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ହାସଲ କରିବା ଲାଗି ୮ଟି ଦଳ ଅଂଶଗ୍ରହଣ କରିଛନ୍ତି ।

## ଫୁଟବଲ୍

୨୩ ବର୍ଷରୁ କମ୍ ଏ.ଏଫ୍.ସି. ଏସିଆ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଗତକାଲି ଭାରତ ବ୍ରୁନେଇକୁ ପରାସ୍ତ କରିଛି । ଦୋହାଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ବ୍ରୁନେଇକୁ ୬-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଭିବିନ୍ ମୋହାନନ୍ ସଫଳ ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ମହମ୍ମଦ ଏମିନ୍ ଦୁଇଟି ଏବଂ ଆୟୁଷ ଛେତ୍ରୀ ଗୋଟିଏ ଗୋଲ୍ ଦେଇଥିଲେ । ମୋଟ୍ ୩ଟି ମ୍ୟାଚ୍‌ରୁ ଭାରତ ୬ ପଏଣ୍ଟ ହାସଲ କରି ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍-ଏଚ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବାହାରିନ୍ ଓ ବ୍ରୁନେଇକୁ ପରାସ୍ତ କରିଥିବା ବେଳେ କାତାର୍ ନିକଟରୁ ହାରି ଯାଇଛି । ଆସନ୍ତାବର୍ଷ ଜାନୁଆରୀ ୭ ତାରିଖରେ ସାଉଦିଆରବ୍ ଠାରେ ୨୩ ବର୍ଷରୁ କମ୍ ଏ.ଏଫ୍.ସି. ଏସିଆକପ୍ ୨୦୨୬ ଆରମ୍ଭ ହେବ ।